# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**04th September - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୨୭ ହଜାର ୨୧୦ କୋଟି ଟଙ୍କାର ଖର୍ଚ୍ଚଦାବୀ ଉପସ୍ଥାପନ କଲେ ବିଭାଗୀୟ ମନ୍ତ୍ରୀ ।

- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩ ହଜାରରୁ ଊର୍ଦ୍ଧ୍ୱ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବା ଗୃହରେ ସୂଚନା ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

- ରାଜ୍ୟର ବିଭିନ୍ନ ଜିଲ୍ଲାରେ ତୃଣମୂଳ ସ୍ତରରେ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବେ ବରିଷ୍ଠ ଅଧିକାରୀ ।

ଏବଂ

- ଭୁବନେଶ୍ୱର-ଜୟପୁର-ଭୁବନେଶ୍ୱର ମଧ୍ୟରେ ଆଜିଠାରୁ ଆରମ୍ଭ ହେଲା ଅତିରିକ୍ତ ବିମାନସେବା ।

*BBSR/R*

# ପଞ୍ଚାୟତିରାଜ ବିଭାଗ ଖର୍ଚ୍ଚଦାବୀ

ବିଧାନସଭାରେ ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ୨୦୨୪-୨୫ ଆର୍ଥିକ ବର୍ଷପାଇଁ ଖର୍ଚ୍ଚଦାବୀ ଉପସ୍ଥାପନ କରିଛନ୍ତି । ମନ୍ତ୍ରୀ ମୋଟ୍ ୨୭ ହଜାର ୨୧୦ କୋଟି ୨୭ ଲକ୍ଷ ୮ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପନ କରିଛନ୍ତି । ଏନେଇ ଗୃହରେ ଆଲୋଚନା ଜାରି ରହିଛି ।

*Desk*

# ଜୈବିକ କୃଷି

ରାଜ୍ୟରେ ଖୁବ୍‌ଶୀଘ୍ର ବଳଭଦ୍ର ଜୈବିକ ଚାଷ ମିଶନ ଆରମ୍ଭ କରାଯିବ। ଜୈବିକ କୃଷିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ମିଶନ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କୃଷିଜୀବୀଙ୍କ ସହ ଜୈବିକ ଚାଷରେ ସଂଶ୍ଳିଷ୍ଟ ବେସରକାରୀ ସଂସ୍ଥାକୁ ମଧ୍ୟ ଏହି ମିଶନ ମାଧ୍ୟମରେ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ୨୦୧୮ ମସିହାରେ ରାଜ୍ୟରେ ଜୈବିକ କୃଷି ନୀତି କାର୍ଯ୍ୟକାରୀ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ୮ଟି

ଜିଲ୍ଲାକୁ ସାମିଲ କରାଯାଇଥିବାବେଳେ ଏବେ ୨୫ଟି ଜିଲ୍ଲା ଏଥିରେ ଯୋଡି ହୋଇଥିବା ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।ମୋଟ୍ ୫୯ ହଜାର ୭୨୦ ହେକ୍ଟର ଜମିରେ ଜୈବିକ ଚାଷ କରାଯାଉଛି ।

***Desk***

## ଡେଙ୍ଗୁ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩ ହଜାର ୩୦୭ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ୍ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟରେ ୨୯ ହଜାର ୧୭୭ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଛି । ୨୦୨୭ ମସିହା ସୁଦ୍ଧା ଫାଇଲେରିଆ ଓ ୨୦୩୦ ସୁଦ୍ଧା ମ୍ୟାଲେରିଆମୁକ୍ତ ଓଡ଼ିଶା ଗଠନପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ମନ୍ତ୍ରୀ କହିଛନ୍ତି, ଏପର୍ଯ୍ୟନ୍ତ କେହି ବି ବାର୍ଡ଼ ଫ୍ଲୁରେ ସଂକ୍ରମିତ ହୋଇ ନାହାନ୍ତି । ସେ ବାର୍ଡ଼ ଫ୍ଲୁ ନେଇ ଆତଙ୍କିତ ନ ହେବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

*Desk*

# ଏକାମ୍ର ପ୍ରକଳ୍ପ

ରାଜଧାନୀ ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଏକାମ୍ର ପ୍ରକଳ୍ପ କାର୍ଯ୍ୟା ଆରମ୍ଭ ହେବ ବୋଲି ରାଜ୍ୟ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଆଜି ଏକାମ୍ର ପ୍ରକଳ୍ପକୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ମନ୍ତ୍ରୀ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟକୁ ୨୦୨୫ ଜାନୁୟାରୀ ସୁଦ୍ଧା ନିର୍ଣ୍ଣାୟକ ସ୍ଥିତିକୁ ପହଞ୍ଚାଇବାକୁ ଚେଷ୍ଟା କରାଯିବ ।

*Puri/R*

# ବାର୍ଡ଼ ଫ୍ଲୁ

ରାଜ୍ୟରେ ବାର୍ଡ ଫ୍ଲୁ ନିୟନ୍ତ୍ରଣ ଏବଂ ନିରାକରଣ ଲାଗି ୧୦ ଜଣିଆ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ଓଡ଼ିଶା ଗସ୍ତରେ ଆସି ଆଜି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ବିଶେଷଜ୍ଞ ଦଳ ପ୍ରଥମେ ପୁରୀ ଜିଲ୍ଲା ନିମାପଡାର ବୁଢ଼ାକେରାରେ ପହଞ୍ଚି ସ୍ଥିତିର ଯାଞ୍ଚ୍ କରିଥିଲେ । ପରେ ସାକ୍ଷୀଗୋପାଳ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ସମୟରେ ବିଶେଷଜ୍ଞମାନେ କ୍ଷତିଗ୍ରସ୍ତ ଚାଷୀଙ୍କ ସମେତ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ ପୁରୀ ପ୍ରାଣୀଚିକିତ୍ସକଙ୍କ କାର୍ଯ୍ୟାଳୟରେ ବାର୍ଡ଼ ଫ୍ଲୁ ନେଇ ଆଲୋଚନା କରିଥିଲେ ।

ଏହି ବିଶେଷଜ୍ଞ ଦଳ ଆସନ୍ତାକାଲି ଆବଶ୍ୟକସ୍ଥଳେ ପିପିଲି ସମେତ ଡେଲାଙ୍ଗ ଓ ମୋଟରୀ ଅଞ୍ଚଳ ପରିଦର୍ଶନ କରିବେ । ସୂଚନା ଅନୁସାରେ, ପ୍ରଭାବିତ ୪ଟି ବ୍ଲକ୍‌ରେ ପ୍ରାୟ ୪୯ ହଜାର କୁକୁଡା ମାରି ପୋତି ଦିଆଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଏହାବ୍ୟତୀତ କୁକୁଡା ମାରିବା ଏବଂ ଫାର୍ମ ବିଶୋଧନ କାର୍ଯ୍ୟରେ ୫୧ଟି ଦ୍ରୁତ କାର୍ଯ୍ୟାନୁଷ୍ଠାନ ଦଳ ନିୟୋଜିତ ହୋଇଛନ୍ତି।

***BBSR/R***

## ସଚିବ - ଉନ୍ନୟନ କାର୍ଯ୍ୟ ତଦାରଖ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ସଚିବ ଓ ବରିଷ୍ଠ ଅଧିକାରୀମାନେ ତୃଣମୂଳ ସ୍ତରରେ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକର ତଦାରଖ କରିବେ । ଏନେଇ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି, ଅଧିକାରୀମାନେ ବିଭିନ୍ନ ଜିଲ୍ଲା ଗସ୍ତକରି ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସମୀକ୍ଷା କରିବା ସହ ସ୍ୱାସ୍ଥ୍ୟ, ଶିକ୍ଷା ଆଦି ଭିତ୍ତିଭୂମିର ତଦାରଖ କରିବେ । ଏହିକ୍ରମରେ ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ସତ୍ୟବ୍ରତ ସାହୁଙ୍କୁ ଜଗତ୍‌ସିଂହପୁର, ଦେଓରଞ୍ଜନ କୁମାର ସିଂହଙ୍କୁ ଅନୁଗୁଳ, ସୁରେନ୍ଦ୍ର କୁମାରଙ୍କୁ କଟକ, ହେମନ୍ତ ଶର୍ମାଙ୍କୁ କେନ୍ଦୁଝର, ସୁଶିଲ୍ କୁମାର ଲୋହାନୀଙ୍କୁ କଳାହାଣ୍ଡି ଜିଲ୍ଲାର ଦାୟିତ୍ୱ ଦିଆଯାଇଛି । ସେହିଭଳି ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି ।

***BBSR/R***

## ଅଧ୍ୟାପକ ପଦବୀ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ ବିଭାଗ ଓ ବର୍ଗରେ ମୋଟ୍ ୧୪୩ଟି ଅଧ୍ୟାପକ ଓ ସହଯୋଗୀ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ସେଥିମଧ୍ୟରୁ ୧୨୬ଟି ପଦବୀ ପୂରଣ ପାଇଁ ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି ବୋଲି ଆଜି ବିଧାନସଭାରେ ଏକ ଅଣତାରକା ପ୍ରଶ୍ନର ଉତ୍ତର ରଖି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ସେ କହିଛନ୍ତି, ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଖୁବ୍‌ଶୀଘ୍ର ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ ।

***IPR***

## ଉନ୍ନୟନ ପରିଷଦ

ରାଜ୍ୟର ସମସ୍ତ ଉନ୍ନୟନ ପରିଷଦ ଭଙ୍ଗ କରିବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେବା ପରେ ରାଜ୍ୟରେ ଥିବା ସମସ୍ତ ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକାରିତା ସମାପ୍ତ ହୋଇଛି ।

***BBSR/R***

## ବିମାନସେବା - ଜୟପୁର

ଭୁବନେଶ୍ୱର-ଜୟପୁର-ଭୁବନେଶ୍ୱର ମଧ୍ୟରେ ଆଜିଠାରୁ ଅତିରିକ୍ତ ବିମାନସେବା ଆରମ୍ଭ ହୋଇଛି । ସପ୍ତାହର ୩ ଦିନ ସୋମବାର, ବୁଧବାର ଓ ଶୁକ୍ରବାର ବିମାନଟି ଭୁବନେଶ୍ୱର ଏବଂ ଜୟପୁର ମଧ୍ୟରେ ଚଳାଚଳ କରିବ । ବିମାନଟି ସକାଳ ୭ଟା ୨୦ ମିନିଟ୍‌ରେ ଭୁବନେଶ୍ୱର ବିମାନ ବନ୍ଦରରୁ ବାହାରି ୮ଟା ୫୫ ମିନିଟ୍‌ରେ ଜୟପୁରରେ ପହଞ୍ଚିବ । ସେବା ପ୍ରଦାନକାରୀ ଏୟାରଲାଇନ୍ସର ସୂଚନା ଅନୁସାରେ, ଭୁବନେଶ୍ୱରରୁ ଜୟପୁର ଦେଇ ବିଶାଖାପାଟଣାକୁ ଯାଉଥିବା ଦ୍ୱିତୀୟ ବିମାନଟି ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ଭୁବନେଶ୍ୱରରୁ ବାହାରି ଅପରାହ୍ନ ୧୨ଟା ୫୦ ମିନିଟ୍‌ରେ ଜୟପୁରରେ ପହଞ୍ଚିବ ।

***IPR***

## ଡ୍ରାଗନ ଫଳ ରପ୍ତାନୀ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର କାର୍ଗୋ ଟର୍ମିନାଲ୍‌ରୁ ପ୍ରଥମ ଥରପାଇଁ ଦୁବାଇକୁ ଡ୍ରାଗନ୍ ଫଳ ରପ୍ତାନୀ ହୋଇଛି । ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ହୋଇଥିବା ଏହି ଫଳ ଦୁବାଇକୁ ରପ୍ତାନୀ ହୋଇଛି । ଏ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଆଜି ୪ କୁଇଣ୍ଟାଲ୍ ଡ୍ରାଗନ୍ ଫଳ ରପ୍ତାନୀ କରାଯାଇଛି ।

ଏହି ଫଳଚାଷ ସମ୍ପୂର୍ଣ୍ଣ ରୂପେ ଜୈବିକ ପ୍ରକ୍ରିୟାରେ ହୋଇଛି । ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟାନ କୃଷିପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ଏଥିରେ କ୍ଷେତ ପୋଖରୀ, ସୁଗମ ଜଳସେଚନ ବ୍ୟବସ୍ଥା, ଡି.ବି.ଟି. ମାଧ୍ୟମରେ ସବ୍‌ସିଡି ପ୍ରଦାନ ଆଦି ସାମିଲ୍ ରହିଛି । ଉଦ୍ୟାନ କୃଷିର ଚାହିଦା ବଢୁଥିବାରୁ ଏହାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଚାଷୀମାନେ ଖୁବ୍ କମ୍ ସମୟ ମଧ୍ୟରେ ଅଳ୍ପ ଖର୍ଚ୍ଚରେ ଲାଭବାନ ହୋଇପାରୁଛନ୍ତି । ଉଦ୍ୟାନ କୃଷି ନେଇ ସରକାର ଖୁବ୍ ଶୀଘ୍ର ଯୋଜନା ପ୍ରଣୟନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ପୂର୍ବରୁ ଢେଙ୍କାନାଳର ଆମ୍ବ ଓ ବଲାଙ୍ଗିରର ପୋଟଳ ବିଦେଶକୁ ରପ୍ତାନୀ ହୋଇଥିବା ବିଧାନସଭାରେ ଶ୍ରୀ ସିଂହଦେଓ ସୂଚନା ଦେଇଥିଲେ ।

***Desk***

# ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଆଜିଠାରୁ ଆବେଦନପତ୍ର ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ନିରୂପିତ ନିର୍ଦ୍ଦିଷ୍ଟ ସ୍ଥାନ ଓ କାର୍ଯ୍ୟାଳୟ ଗୁଡ଼ିକରେ ହିତାଧିକାରୀମାନେ ଆବେଦନ କରିପାରିବେ। ସୁଭଦ୍ରା ଯୋଜନା ସମ୍ପର୍କିତ ତଥ୍ୟ ସହଜରେ ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୱେବ୍ ପୋର୍ଟାଲ୍ subhadra.odisha.gov.inର ଆରମ୍ଭ ହୋଇଛି।  ଏହା

ସହ ଟୋଲ୍‌ଫ୍ରି ନମ୍ବର **୧୪୬୭୮** ମଧ୍ୟ ଜାରି କରାଯାଇଛି । ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନମ୍ବରଟି କାର୍ଯ୍ୟକ୍ଷମ ରହୁଛି ।

***IPR***

## ନୂଆଖାଇ ଛୁଟି

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଳନ ଅବସରରେ ଆସନ୍ତା ସୋମବାର ୯ ତାରିଖ ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକପାଇଁ ଛୁଟି ଘୋଷଣା କରାଯାଇଛି । ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Kalahandi, Keonjhar/R***

## ବି.ଜେ.ପି. - ସଦସ୍ୟତା ଅଭିଯାନ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଟାଉନ୍‌ହଲ୍‌ଠାରେ ବି.ଜେ.ପି.ର ଜିଲ୍ଲାସ୍ତରୀୟ ସଦସ୍ୟତା ଅଭିଯାନ ଆଜି ଆରମ୍ଭ ହୋଇଛି । ଲୋକସଭା ସଦସ୍ୟ ମାଳବିକା କେଶରୀ ଦେଓ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ସଦସ୍ୟତା ହେଉଛି ଦଳ ଶକ୍ତିର ମୂଳ ଆଧାର ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମ

ଆସନ୍ତା ୭ ତାରିଖଠାରୁ ମଣ୍ଡଳ ଓ ବୁଥ୍ ସ୍ତରରେ ଆୟୋଜନ କରାଯିବ ବୋଲି ସେ କହିଛନ୍ତି ।

ସେହିଭଳି କେନ୍ଦୁଝରରର ପ୍ରତି ବୁଥ୍‌ରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ କିଭଳି ସଦସ୍ୟତା କାର୍ଯ୍ୟକ୍ରମକୁ ସଫଳ କରାଯିବ, ତାହା ଉପରେ ଲୋକସଭା ସଦସ୍ୟ ଅନନ୍ତ ନାଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗତକାଲିଠାରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ସଦସ୍ୟତା କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବର ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀ ନାଏକ କହିଛନ୍ତି ।

***Bhadrak/R***

# ପକ୍ସୋ - ଆଇନସେବା

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନ୍ନପାଳର ଓକୋରା ହାଇସ୍କୁଲ୍‌ଠାରେ ପୀଡ଼ିତାଙ୍କୁ କ୍ଷତିପୂରଣ, ଅପରାଧୀଙ୍କୁ ଦଣ୍ଡବିଧାନ ନେଇ ପକ୍‌ସୋ ଆଇନ ସଂକ୍ରାନ୍ତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ପାଦକ ନେହା ଅଗ୍ରୱାଲ୍, ଉପ-ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

*Nayagarh/R*

# ଡିଜିଟାଲ୍ ଫସଲ ସର୍ବେକ୍ଷଣ

ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ ଜିଲ୍ଲାରେ ଚାଲିଥିବା ଡିଜିଟାଲ୍ ଫସଲ ସର୍ବେକ୍ଷଣର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ଡିଜିଟାଲ୍ ଫସଲ ସର୍ବେକ୍ଷଣର ଉଚିତ ବ୍ୟବହାର ଓ ଉପକାରିତା ବିଷୟରେ କୃଷକ ସର୍ଭେକାରୀ ଦଳ ଓ ଅନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଜିଲ୍ଲାପାଳ ଏହି କାର୍ଯ୍ୟର ଠିକ୍ ତଦାରଖ ପାଇଁ ଜିଲ୍ଲା କୃଷି ଅଧିକାରୀ ଓ ତହସିଲ୍‌ଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Gajapati/R*

# ସଂସ୍କୃତି ପରିଷଦ ବୈଠକ

ଗଜପତି ଜିଲ୍ଲା ସଂସ୍କୃତି ପରିଷଦର ପ୍ରଥମ ବୈଠକ ଆଜି ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ଲୋପ ପାଇଯାଉଥିବା ଲୋକକଳା, ସଂସ୍କୃତି ଓ ଶିଳ୍ପର ପୁନରୁଦ୍ଧାର ନିମନ୍ତେ ଆଲୋଚନା କରାଯାଇଛି । ସେହିପରି ଜିଲ୍ଲାର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଜୟନ୍ତୀ ଓ ଶ୍ରଦ୍ଧାଦିବସ ପାଳନ କରାଯିବା ସହ ଜିଲ୍ଲାର ପଞ୍ଜିକୃତ ଅନୁଷ୍ଠାନଗୁଡ଼ିକୁ ବର୍ଷକୁ ଥରେ ଆର୍ଥିକ ସହଯୋଗ ଦିଆଯିବା,

ସଂସ୍କୃତି ଭବନ ନିର୍ମାଣ ଓ ଗଜପତି ଉତ୍ସବ ପାଳନ ଆଦି ଉପରେ ସଭ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ଦକ୍ଷିଣ, ଉପକୂଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୮ ତାରିଖ ରବିବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ୧୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଅପରପକ୍ଷରେ, ରାଜ୍ୟରେ ନିଅଣ୍ଟିଆ ବର୍ଷା ସ୍ଥିତି ଜାରି ରହିଛି। ଗତ ଜୁନ୍ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୧୨ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ୧୨ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡିଛି।

*****